# ଅର୍ଚ୍ଚନା ନାୟକ

ଜନ୍ମ (୧୯୪୭- ) ମସିହା

ଡ. ଅର୍ଚ୍ଚନା ନାୟକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ କଥାଶିଳ୍ପୀ ଭାବରେ ପରିଚିତ ହେଲେ ମଧ୍ୟ ପ୍ରବନ୍ଧ ସାହିତ୍ୟ ପ୍ରତି ତାଙ୍କର ରହିଛି ବିପୁଳ ଅବଦାନ । ପ୍ରାବନ୍ଧିକ ଭାବରେ ସେ ଏକ ପ୍ରସାରିତ ଦୃଷ୍ଟିକୋଣ, ଉଦାର ବିଚାରଶୀଳତା ଓ ଗୁଣଦର୍ଶୀ ଚିନ୍ତନର ଅଧିକାରିଣୀ । ତାଙ୍କର ପ୍ରବନ୍ଧ ଓ ସମାଲୋଚନାରେ ସ୍ରଷ୍ଟା ଓ ସୃଷ୍ଟିକୁ ଆପଣାପଣରେ ଅନୁଭବ କରିହୁଏ ଓ ନିଜର ସାହିତ୍ୟ ସଂସ୍କୃତିକୁ ପ୍ରାଣାବେଗ ଦେଇ ଚିହ୍ନିହୁଏ । ତାଙ୍କ ପୁସ୍ତକ-

**ନିର୍ବାଚିତ ପ୍ରବନ୍ଧ,** ପୃଷ୍ଠା-୨୨୪, ପ୍ରକାଶକାଳ-୨୦୧୦, ମୂଲ୍ୟ:ଟ.୨୦୦/-

"ନିର୍ବାଚିତ ପ୍ରବନ୍ଧ' ପୁସ୍ତକରେ ସ୍ଥାନିତ ହୋଇଛି ତାଙ୍କର ପନ୍ଦର ଗୋଟି ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକତା ଉପରେ ଆଧାରିତ ସୁନିର୍ବାଚିତ ରଚନା ।

କବି ଜୟଦେବଙ୍କର ଗୀତଗୋବିନ୍ଦର କାବ୍ୟିକ ମୂଲ୍ୟାୟନ, ଭାରତୀୟ ନାରୀ ମହିମାର ସର୍ବୋତ୍ତମ ପ୍ରକାଶ ସୀତାଙ୍କର ବ୍ୟକ୍ତିତ୍ୱର ଅନୁଶୀଳନ, ସାହିତ୍ୟରେ ଶିବଚେତନା, ଭକ୍ତିସଂଗୀତର ପରମ୍ପରା ଓ କେତେକ ବିଶିଷ୍ଟ ଓଡ଼ିଆ କବି ଓ କଥାକାରଙ୍କ ସୃଷ୍ଟିର ସମ୍ୟକ୍ ଆଲୋଚନା ଏବଂ ଋଷି ଶ୍ରୀଅରବିନ୍ଦଙ୍କର ଅନୁସରଣରେ ମଣିଷର ଆଧ୍ୟାତ୍ମିକ ବିବର୍ତ୍ତନ ଉପରେ ରଚିତ ପ୍ରବନ୍ଧ ଉକ୍ତ ସଂକଳନର ମୁଖ୍ୟ ବିଭବ ।